بسم الله الرحمن الرحيم

**ଖୁତ୍‌ବା ଜୁମା ୨୪ ଫେବୃଆରୀ ୨୦୨୩ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ୟୁ.କେ)**

# ନୈଷ୍ଠିକତା ଓ ବିଶ୍ୱସ୍ତତାର ଚଳନ୍ତି ପ୍ରତିମା ତଥା ହ. ମୁହମ୍ମଦ ସ.ଅଙ୍କ କେତେକ ମହାମାନ୍ୟ ବଦ୍‌ରୀ ସାହାବାମାନଙ୍କର ପବିତ୍ର ଜୀବନୀ ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଦ୍ଦାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ; ପୂର୍ବେ ବଦ୍‌ରୀ ସାହାବାମାନଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା ସେହି କ୍ରମରେ ଆଉ କେତେକ ବଦ୍‌ରୀ ସାହାବାମାନଙ୍କର ଜୀବନୀ ସଂପର୍କରେ ଆଜି ମଧ୍ୟ ଆଲୋଚନା କରିବି । ସମ୍ଭବତଃ ସେହି ବଦ୍‌ରୀ ସାହାବାମାନଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ଆଜି ସମାପ୍ତ ହୋଇଯିବ ।

ହ. ଆମିର୍ ବିନ୍ ରବିୟାଙ୍କ ସଂପର୍କରେ ଉଲ୍ଲେଖ ରହିଛି ଯେ, ତାଙ୍କ ପିତାଙ୍କ ନାମ ରବିୟା ବିନ୍ କାଆବ୍ ବିନ୍ ମାଲିକ୍ ବିନ୍ ରବିୟା ଥିଲା । ତାଙ୍କ ଠାରୁ କେତେକ ବର୍ଣ୍ଣନା ଉଲ୍ଲେଖ ଥିବାର ପ୍ରମାଣ ମିଳେ । ଅବ୍‌ଦୁଲ୍ଲାଃ ବିନ୍ ଆମିର୍ ବିନ୍ ରବିୟା ନିଜର ମାତାଶ୍ରୀ ହ. ଉମ୍ମେ ଅବ୍‌ଦୁଲ୍ଲାଃ ଲୈଲା ବିନ୍‌ତ୍ ଅବୁ ହସ୍‌ମାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ସେ ବର୍ଣ୍ଣନା କରନ୍ତି ଯେ, ଆମେମାନେ ହବ୍‌ଶା ଅଭିମୁଖେ ପ୍ରବାସ କରିବା ପାଇଁ ପ୍ରସ୍ତୁତ ଥିଲୁ ଓ ଆମିର୍ ବିନ୍ ରବିୟା ର.ଅ କୌଣସି କାର୍ଯ୍ୟ ସକାଶେ କେଉଁଆଡ଼େ ଚାଲିଯାଇଥିଲେ । ହ. ଉମର୍ ର.ଅ ଯେକି ବର୍ତ୍ତମାନ ସୁଦ୍ଧା ଶିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା) ଅବସ୍ଥାରେ ଜୀବନ ଯାପନ କରୁଥିଲେ, ସେଠାରେ ଆସି ପହଞ୍ଚିଗଲେ । ସେ ଆମମାନଙ୍କୁ ପଚାରିଲେ ବୋଧେ ସମସ୍ତେ କେଉଁଆଡ଼େ ବାହାରିଛ ? ମୁଁ କହିଲି ହଁ ଗୋଟେ ସ୍ଥାନକୁ ଯାଉଛୁ । ମୁଁ ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ! ଆମେମାନେ ଅଲ୍ଲାଃତାଲାଙ୍କ ଭୂମି ଉପରେ ଚାଲିଥାଉ ଏପର୍ଯ୍ୟନ୍ତକି ଅଲ୍ଲାଃତାଲା ଆମମାନଙ୍କ ପାଇଁ ଭୂପୃଷ୍ଠ ପ୍ରଶସ୍ତ କରିଦେବେ । ତୁମେମାନେ ଆମମାନଙ୍କ ଉପରେ ଅକଥନୀୟ ଅନ୍ୟାୟ ଏବଂ ଅତ୍ୟାଚାର କରିଛ ଓ ଆମମାନଙ୍କୁ ବହୁତ କଷ୍ଟ ଦେଇଛ । ହ. ଉମର ର.ଅ କହିଲେ ଅଲ୍ଲାଃତାଲା ତୁମର ରକ୍ଷା କରନ୍ତୁ ଓ ତୁମର ସାହା ହୁଅନ୍ତୁ ! ଉମ୍ମେ ଅବ୍‌ଦୁଲ୍ଲାଃ ର.ଅ କୁହନ୍ତି, ମୁଁ ଅନ୍ୟ କୌଣସି ଦିନ ହ. ଉମର୍ ର.ଅଙ୍କ କଣ୍ଠରେ ଏହିଭଳି ସହାନୁଭୂତିପୂର୍ଣ୍ଣ ସ୍ୱର ଦେଖି ନଥିଲି ଯେଉଁଭଳି ଆଜି ଦେଖିଲି । ଆମମାନଙ୍କର ପ୍ରବାସ କରିବା ଫଳରେ ସେ ଅତ୍ୟନ୍ତ ବ୍ୟଥିତ ଓ ମର୍ମାହତ ହୋଇ ପଡ଼ିଥିଲେ । ହ. ଆମିର୍ ଯେତେବେଳେ ପ୍ରତ୍ୟାବର୍ତ୍ତନ କଲେ ସେତେବେଳେ ମୁଁ ତାଙ୍କୁ କହିଲି ଯେ, ହେ ଆମିର୍ କ'ଣ ଆପଣ ବି ହ. ଉମର୍ ର.ଅଙ୍କ ସମବେଦନାକୁ ଅନୁଭବ କରିଛନ୍ତି ? ହ. ଆମିର୍ ର.ଅ ଉତ୍ତର ଦେଲେ ଯେ, ହେ ଉମ୍ମେ ଅବ୍ଦୁଲ୍ଲାଃ ବିନ୍ ଲୈଲା ! କ'ଣ ତୁମେ ଇଚ୍ଛୁକା ଯେ, ହ. ଉମର୍ ର.ଅ ମୁସଲମାନ ହୋଇଯାଆନ୍ତୁ ? ପ୍ରତ୍ୟୁତ୍ତରରେ ଉମ୍ମେ ଅବ୍ଦୁଲ୍ଲାଃ କହିଲେ, ଖତ୍ତାବ୍‌ଙ୍କ ଗଧ ମୁସଲମାନ ହେବା ସମ୍ଭବ କିନ୍ତୁ ସେ କଦାପି ଇସ୍‌ଲାମ୍ ଧର୍ମ ଗ୍ରହଣ କରିବ ନାହିଁ । ହ. ଲୈଲା କୁହନ୍ତି ଯେ, ଆମିର୍ ର.ଅ ଏପରି ଉକ୍ତି ନିରାଶ ହୋଇ ଏଇଥି ପାଇଁ କହିଥିଲେ । କାରଣ ହ. ଉମର୍ ର.ଅ ଇସ୍‌ଲାମ୍ ଧର୍ମ ପ୍ରତି ବିରୋଧ ଏବଂ କଠୋରତାମୂଳକ ଆଚରଣ ପ୍ରଦର୍ଶନ କରୁଥିଲେ ।

ହ. ଅବ୍ଦୁଲ୍ଲାଃ ବିନ୍ ଆମିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ତାଙ୍କର ପିତାଶ୍ରୀ ହ. ଆମିର୍ ବିନ୍ ରବିୟା ର.ଅ କହିଲେ ଯେ, ଆଁହଜରତ ସ.ଅ ଯେତେବେଳେ ଆମମାନଙ୍କୁ କୌଣସି ସରିୟା (ଯେଉଁ ଯୁଦ୍ଧରେ ଆଁହଜରତ ସ.ଅ ସ୍ୱୟଂ ସମ୍ମିଳିତ ହୋଇ ନଥିଲେ)ରେ ପ୍ରେରଣ କରୁଥିଲେ ସେତେବେଳେ ଆମ ନିକଟରେ ଏକମାତ୍ର ସମ୍ବଳ ଖଜୁରୀ କୋଳିର ଏକ ଥଳି ରହୁଥିଲା । ସୈନ୍ୟଦଳର ସେନାପତି ଆମମାନଙ୍କ ମଧ୍ୟରେ ମୁଠାଏ ଖଜୁରୀ କୋଳି ବାଣ୍ଟି ଦେଉଥିଲେ । ଧିରେ ଧିରେ ଯେତେବେଳେ ଖଜୁରୀ କୋଳି ଶେଷ ହୋଇ ଆସୁଥିଲା ସେତେବେଳେ ଗୋଟିଏ ଖଜୁରୀ କୋଳି ଗୋଟିଏ ଲୋକକୁ ମିଳୁଥିଲା । ଅବ୍ଦୁଲ୍ଲାଃ କୁହନ୍ତି ଯେ, ମୁଁ ପିତାଶ୍ରୀଙ୍କୁ ପଚାରିଲି ଯେ, ଗୋଟିଏ ଖଜୁରୀ କୋଳିରେ କ'ଣ ଆପଣଙ୍କର ପେଟ ପୂରି ଯାଉଥିଲା? ଅବ୍ଦୁଲ୍ଲାଃଙ୍କୁ

ତାଙ୍କର ପିତାଶ୍ରୀ ରବିୟା ଉତ୍ତର ଦେଲେ, ପୁତ୍ର ! ଏପରି କୁହ ନାହିଁ । କାରଣ ସେହି ଗୋଟିଏ ଖଜୁରୀ କୋଳିର ମହତ୍ତ୍ୱ ଆମମାନଙ୍କୁ ସେତେବେଳେ ଜ୍ଞାତ ହେଉଥିଲା ଯେତେବେଳେ ଆମ ପାଖରେ ଖାଇବାକୁ କୌଣସି ବସ୍ତୁ ମଧ୍ୟ ଉପଲବ୍ଧ ନଥିଲା ।

ହ. ଉମର୍ ର.ଅ ଯେତେବେଳେ ନିଜର ଖିଲାଫତ୍ ଶାସନରେ ଖୈବର୍ ଅଞ୍ଚଳରେ ଇହୁଦୀଙ୍କୁ ନିର୍ବାସିତ କରିଦେଲେ ସେତେବେଳେ କୁରା ଉପତ୍ୟକାର ଭୂମି ଯେଉଁ ଲୋକମାନଙ୍କ ମଧ୍ୟରେ ଆପଣ ବାଣ୍ଟିଥିଲେ ତନ୍ମଧ୍ୟରେ ହ. ଆମିର୍ ବିନ୍ ରବିୟା ମଧ୍ୟ ଥିଲେ । ହ. ଉମର୍ ର.ଅଙ୍କର ଯେତେବେଳେ ଯାବିୟା ଆଗମନ ହେଲା ସେତେବେଳେ ହ. ଆମିର୍ ର.ଅ ହ. ଉମର୍ ର.ଅଙ୍କ ସହିତ ଥିଲେ । ଅନ୍ୟ ଏକ ବର୍ଣ୍ଣନାନୁଯାୟୀ, ହ. ଉମର୍ ର.ଅଙ୍କ ଧ୍ୱଜା ହ. ଆମିର୍‌ଙ୍କ ନିକଟରେ ରହିଥିଲା । ହ. ଆମିର୍ ବିନ୍ ରବିୟାଙ୍କ ମୃତ୍ୟୁ ସଂପର୍କରେ ବିଭିନ୍ନ ମତଭେଦ ଦେଖିବାକୁ ମିଳେ । କିନ୍ତୁ ଅଲ୍ଲାମା ଇବ୍‌ନେ ଅସାକିର୍‌ଙ୍କ ନିକଟରେ ୩୨ ହିଜ୍‌ରୀର ବର୍ଣ୍ଣନାଟି ଅଧିକ ଗ୍ରହଣ ଯୋଗ୍ୟ ଜଣାପଡ଼େ । ଆପଣଙ୍କ ବିୟୋଗ ସଂପର୍କରେ ବର୍ଣ୍ଣନା ରହିଛି ଯେ, ହ. ଉସ୍‌ମାନ୍ ର.ଅଙ୍କ ବିୟୋଗ ପରେ ହ. ଆମିର୍ ବିନ୍ ରବିୟା ନିଜ ଘରେ ରହୁଥିଲେ, ଏପର୍ଯ୍ୟନ୍ତକି ଆପଣ ର.ଅଙ୍କ ବିୟୋଗ ପରେ ହିଁ ଆପଣଙ୍କ ଯନାଜାଃ (ଅର୍ଥି) ଘରୁ ବାହାରିଥିଲା ।

ହ. ଅବ୍ଦୁଲ୍ଲାଃ ବିନ୍ ଆମିର୍ ର.ଅ ନିଜର ପିତାଶ୍ରୀଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅଙ୍କ କାଳରେ ଜଣେ ବ୍ୟକ୍ତି ବନୁ ଫୁଜାରାହ୍‌ର ଜଣେ ମହିଳା ସହିତ ହଳେ ଜୋତା ମେହେର ଧାର୍ଯ୍ୟ କରି ନିକାହ୍ କରିନେଲା । ଆଁହଜରତ ସ.ଅ ଉକ୍ତ ନିକାହ୍‌କୁ ବୈଧ ବୋଲି ଦର୍ଶାଇ ଥିଲେ । ଅନ୍ୟ ଏକ ବର୍ଣ୍ଣନା ହ. ଆମିର୍ ନିଜର ପିତାଶ୍ରୀଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ସେ ରସୁଲୁଲ୍ଲାଃ ସ.ଅଙ୍କୁ ଦେଖିଲେ ଆପଣ ସ.ଅ ଯାତ୍ରାରେ ନିଜ ଓଟର ପିଠି ଉପରେ ରାତ୍ରବେଳେ ନଫିଲ୍ ନମାଜ ପାଠ କଲେ ଏବଂ ଯେଉଁଆଡ଼କୁ ଓଟ ଅଗ୍ରସର ହେଉଥିଲା ଆପଣ ସ.ଅଙ୍କ ମୁହଁ ସେହି ଆଡ଼କୁ ଥିଲା । ହ. ଆମିର୍ ବିନ୍ ରବିୟା ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ଆଁହଜରତ ସ.ଅଙ୍କ ସହିତ ଏକ ଅନ୍ଧକାର ରାତ୍ରରେ ଯାତ୍ରା କୁରଥିଲି, ଆମେମାନେ ଯେତେବେଳେ ଏକ ସ୍ଥାନରେ ଅଟକିଲୁ ସେତେବେଳେ ଜଣେ ବ୍ୟକ୍ତି ପଥର ଏକତ୍ରିତ କଲା ଏବଂ ନମାଜ ପାଠ କରିବାର ଆୟୋଜନ କଲେ ଏବଂ ସେଠାରେ ନମାଜ ପାଠ କରାଗଲା । ଉକ୍ତ ଘଟଣା ପରେ ଆମେମାନେ ଜାଣିବାକୁ ପାଇଲୁ କି ଆମମାନେ ଯେଉଁ ଆଡ଼କୁ ମୁହଁ କରି ନମାଜ ପଢିଥିଲୁ ସେହି ଆଡ଼େ କିବ୍‌ଲା ନଥିଲା । ତତ୍‌ସଂପର୍କରେ ଆମେମାନେ ଯେତେବେଳେ ଆଁହଜରତ ସ.ଅଙ୍କୁ ପଚାରିଲୁ ସେତେବେଳେ ଅଲ୍ଲାଃତାଲା ଏହି ଆୟତ୍ ଅବତୀର୍ଣ୍ଣ କଲେ, وَلِلّٰهِ الْمَشْرِقُ وَالْمَغْرِبُ ۖ فَأَيْنَمَا تُوَلُّوا فَثَمَّ وَجْهُ اللّٰهِ ଅର୍ଥାତ ଅଲ୍ଲାଃତାଲାଙ୍କର ହିଁ ପୂର୍ବ ଦିଗ ଓ ପଶ୍ଚିମ ଦିଗ । ଅତଏବ ତୁମେମାନେ ଯେଉଁ ଦିଗକୁ ବି ନିଜର ମୁହଁ ବୁଲାଅ ତେବେ ତୁମେ ପ୍ରଭୁଙ୍କ ଉତ୍କର୍ଷତା ସର୍ବତ୍ର ବିଦ୍ୟମାନ ହେଉଥିବାର ଅବଲୋକନ କରିବ । ଅର୍ଥାତ ଭୁଲବଶତଃ ଯଦି କିବ୍‌ଲା ଆଡ଼କୁ ମୁହଁ ନକରି ନମାଜ ପଢି ନେଇଛ ତେବେ ସେ କ୍ଷେତ୍ରରେ କୌଣସି ଅସୁବିଧା ନାହିଁ କି କୌଣସି ଚିନ୍ତାଜନକ ବିଷୟ ନୁହେଁ । ହୁଜୁର ଅନୱର୍ ଅ.ବ କହିଲେ ଯେ, ଏହା ମଧ୍ୟ ହୋଇପାରେ ଯେ, ଉକ୍ତ ଆୟତ୍ ଆଁହଜରତ ସ.ଅ ସାହାବାମାନଙ୍କୁ ବୁଝାଇବା ନିମନ୍ତେ ପଢି ଶୁଣାଇଥିଲେ । ଅର୍ଥାତ ଏହା ଆବଶ୍ୟକ ନୁହେଁ ଯେ, ଉପରୋକ୍ତ ଆୟତ୍‌ଟି ସେହି ସମୟରେ ଅବତୀର୍ଣ୍ଣ ହୋଇଥିବ ।

ହ. ଆମିର୍ ବିନ୍ ରବିୟା ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ଯେଉଁ ବ୍ୟକ୍ତି ମୋ ଉପରେ ଥରୁଟିଏ ଦୁରୁଦ ପ୍ରେରଣ କରେ ଅଲ୍ଲାଃତାଲା ତା' ଉପରେ ଦଶ ଥର ଶାନ୍ତି ଅବତୀର୍ଣ୍ଣ କରିଥାଆନ୍ତି । ଅତଏବ ବର୍ତ୍ତମାନ ତୁମ ଇଚ୍ଛା, ତୁମେ ଅଧିକ ଦୁରୁଦ୍ ପ୍ରେରଣ କର ଅବା ସ୍ୱଳ୍ପ ଦୁରୁଦ୍ ପ୍ରେରଣ କର । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ରସୁଲୁଲ୍ଲାଃ ସ.ଅ କହିଲେ ଯେଉଁ ବ୍ୟକ୍ତି ମୋ ଉପରେ ଶାନ୍ତି ଅବତୀର୍ଣ୍ଣ ହେବା ନିମନ୍ତେ ପ୍ରାର୍ଥନା କରେ ଓ ଯେପର୍ଯ୍ୟନ୍ତ ସେ ସେହିଭଳି ଅବସ୍ଥାରେ ଥାଏ, ତେବେ ସେହି ବ୍ୟକ୍ତି ଉପରେ ଅଲ୍ଲାଃତାଲା ଶାନ୍ତି ଅବତୀର୍ଣ୍ଣ ହେବା ନିମନ୍ତେ ପ୍ରାର୍ଥନା କରିଥାଆନ୍ତି । ତେଣୁ ଭକ୍ତ ହାତରେ ରହିଛି ଯେ, ସେ ଆଁହଜରତ ସ.ଅଙ୍କ ଉପରେ ସେ ଅଧିକ ଦୁରୁଦ ଶରୀଫ ପ୍ରେରଣ କରି ପ୍ରାର୍ଥନା କରୁ ଅବା ସ୍ୱଳ୍ପ ଦୁରୁଦ୍ ପ୍ରେରଣ କରୁ ।

ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହ. ହରାମ ବିନ୍ ମିଲ୍‌ହାନ୍ ର.ଅ । ହ. ମୁସ୍‌ଲେହ୍ ମଉଦ୍ ର.ଅ ସାହାବାମାନଙ୍କର ବଳିଦାନର ଉତ୍ସାହ ସଂପର୍କରେ କୁହନ୍ତି, ଇତିହାସ ଅଧ୍ୟୟନ କରିବା ଦ୍ୱାରା ଆମେମାମନେ ଏହା ଜାଣିବାକୁ ପାଇଥାଉ ଯେ, ସାହାବାମାନେ ଯୁଦ୍ଧରେ ଏହି ଉଦ୍ଦେଶ୍ୟ ନେଇ ଯାଉଥିଲେ ଯେ, ଶହୀଦ୍ ହେବା ସେମାନଙ୍କ ପକ୍ଷେ ଅଧିକ ଆଶ୍ୱସ୍ତି ଓ ପ୍ରସନ୍ନତାର କାରଣ ହେବ । ସୁତରାଂ ସାହାବାମାନଙ୍କର ଅନେକ ରୋଚକପୂର୍ଣ୍ଣ ଓ ବିଶ୍ୱାବର୍ଦ୍ଧକ ଘଟଣାବଳୀ ଇତିହାସରୁ ମିଳିଥାଏ । କାରଣ ସେମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ମୃତ୍ୟୁ ବରଣ କରିବା ହିଁ ଅଧିକ ଶ୍ରେୟସ୍କର ବୋଲି ମନେ କରନ୍ତି, ଆଶ୍ୱସ୍ତି ଓ ଆନନ୍ଦ ଅନୁଭବ କଲେ । ଉଦାହରଣ ସ୍ୱରୂପ ପବିତ୍ର କୁରଆନ୍‌ର ମୁଖସ୍ତକାରୀମାନଙ୍କୁ ଆଁହଜରତ ସ.ଅ ପ୍ରଚାର ନିମନ୍ତେ ଏକ ସ୍ଥାନକୁ ପ୍ରେରଣ କରିଥିଲେ । ତନ୍ମଧ୍ୟରେ ହରାମ୍ ବିନ୍ ମିଲ୍‌ହାନ୍ ର.ଅ ଇସ୍‌ଲାମ୍ ଧର୍ମର ବାର୍ତ୍ତା ନେଇ ଆମିର୍ ସଂପ୍ରଦାୟର

ଅଧିପତି ଆମିର୍ ବିନ୍ ତୁଫୈଲ୍‌ଙ୍କ ନିକଟକୁ ଗଲେ ଏବଂ ଅନ୍ୟ ସାହାବାମାନେ ତାଙ୍କ ପଛରେ ରହିଥିଲେ । ପ୍ରାରମ୍ଭରେ ତ' ଆମିର୍ ସଂପ୍ରଦାୟର ଅଧିପତି ଆମିର୍ ବିନ୍ ତୁଫୈଲ୍ ଓ ତା'ର ସାଥିମାନେ କପଟବିଶ୍ୱାସୀମୂଳକ ଆଚରଣ ପ୍ରଦର୍ଶନ କରି ହରାମ୍ ବିନ୍ ମିଲହାନଙ୍କର ଆତିଥ୍ୟତା କଲେ । କିନ୍ତୁ ଯେତେବେଳେ ହରାମ୍ ବିନ୍ ମିଲ୍‌ହାନ ନିଶ୍ଚିନ୍ତ ହୋଇ ବସିଗଲେ ଏବଂ ତବ୍‌ଲିଗ୍ କରିବାକୁ ଲାଗିଲେ ସେତେବେଳେ ସେହି କପଟବିଶ୍ୱାସୀମାନଙ୍କ ମଧ୍ୟରୁ କେତେକ ଉପଦ୍ରବୀ ତଥା ବିଶୃଙ୍ଖଳାକାରୀ ବ୍ୟକ୍ତିମାନେ ଜଣେ ବଦ୍‌ମାଶ୍ ବ୍ୟକ୍ତିକୁ ଇଙ୍ଗିତ କଲେ । ସୁତରାଂ ଉକ୍ତ ବଦ୍‌ମାଶ୍ ବ୍ୟକ୍ତି ଜଣକ ସେହିକ୍ଷଣି ପଛପଟୁ ଆସି ହ. ହରାମ୍ ବିନ୍ ମିଲ୍‌ହାନ୍ ର.ଅଙ୍କ ପିଠିରେ ବର୍ଚ୍ଛା ଦ୍ୱାରା ଆକ୍ରମଣ କଲା । ଫଳତଃ ହ. ମିଲ୍‌ହାନ୍ ର.ଅ ତଳେ ପଡ଼ିଗଲେ ଏବଂ ତଳେ ପଡ଼ିବା ପରେ ସହସା ତାଙ୍କ ପାଟିରୁ ବାହାରି ପଡ଼ିଲା اَللّٰهُ اَكْبَرُ فُزْتُ وَرَبِّ الْكَعْبَةِ ଅର୍ଥାତ ମୁଁ କାଆବାର ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୋତେ ମୁକ୍ତି ମିଳିଗଲା । ପୁନଶ୍ଚ ସେହି ଉପଦ୍ରବୀ ବ୍ୟକ୍ତିମାନେ ଅନ୍ୟ ସାହାବାମାନଙ୍କର ଘେରାଉ କଲେ ଓ ସେମାନଙ୍କ ଉପରେ ଅତର୍କିତ ଆକ୍ରମଣ କଲେ । ଇତ୍ୟବସରରେ ହ. ଅବୁ ବକର ର.ଅଙ୍କ ସ୍ୱାଧୀନପ୍ରାପ୍ତ ଦାସ ଆମିର୍ ବିନ୍ ଫୁହେରାହ୍ ର.ଅଙ୍କ ସଂପର୍କରେ ଏହି ଚର୍ଚ୍ଚା ମିଳେ ଯେ, ଆମିର୍ ବିନ୍ ଫୁହେରାହ୍ ର.ଅଙ୍କୁ ଶହୀଦ୍ କରିଥିବା ବ୍ୟକ୍ତି ପରବର୍ତ୍ତୀ ସମୟରେ ସ୍ୱୟଂ ମୁସଲମାନ ହୋଇଯାଇଥିଲା । ସେ ନିଜର ମୁସଲମାନ ହେବାର କାରଣ ସଂପର୍କରେ ଏହା କହିଲେ ଯେ, ଯେତେବେଳେ ଆମିର୍ ବିନ୍ ଫୁହେରାହ୍ ର.ଅଙ୍କୁ ସେ ଶହୀଦ୍ କଲେ ସେତେବେଳେ ହ. ଆମିର୍ ବିନ୍ ଫୁହେରାହ୍ ର.ଅଙ୍କ ତୁଣ୍ଡରୁ ସହସା ଏହା ବାହାରିଲା ଯେ, فُزْتُ وَاللّٰهِ ଅର୍ଥାତ ପ୍ରଭୁଙ୍କ ଶପଥ କରି କହୁଛି ମୁଁ ସାଫଲ୍ୟମଣ୍ଡିତ ହୋଇଗଲି । ଉକ୍ତ ଘଟଣାବଳୀ ଏହା ଦର୍ଶାଏ ଯେ, ସାହାବାମାନଙ୍କ ପାଇଁ ମୃତ୍ୟୁର ଦୁଃଖ ଆନନ୍ଦର କାରଣ ପାଲଟି ଯାଉଥିଲା ।

ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହ. ସାଆଦ୍ ବିନ୍ ଖୌଲା ର.ଅ । ଆମିର୍ ବିନ୍ ସାଆଦ୍ ନିଜର ପିତାଶ୍ରୀ ସାଆଦ୍ ବିନ୍ ୱକ୍କାସ୍‌ଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ସେ କହିଲେ ଆଁହଜରତ ସ.ଅ ହଜ୍ଜତୁଲ୍ ୱିଦା (ଶେଷ ତୀର୍ଥ ଯାତ୍ରା) ଅବସରରେ ମୋର ରୋଗାବସ୍ଥା ସଂପର୍କରେ ପଚାରି ବୁଝିଲେ । ମୋର ସେହି ରୋଗ ଏମିତିଆ ରୋଗ ଥିଲା ଯେ, ମୁଁ ମୃତ୍ୟୁର ବେଶ୍ ନିକଟବର୍ତ୍ତୀ ହୋଇଯାଇଥିଲି । ମୁଁ କହିଲି, ହେ ଅଲ୍ଲାଃ ମୁଁ ଯେଉଁ ପୀଡ଼ାରେ ଗ୍ରସିତ ହୋଇ ପରିଣତି ଅବସ୍ଥାରେ ଉପନୀତ ହୋଇଛି, ଆପଣ ସ.ଅ ସେହି ଅବସ୍ଥାରୁ ମୋତେ ଦେଖୁଛନ୍ତି । ମୁଁ ଧନବାନ ଅଟେ ଏବଂ କନ୍ୟା ସନ୍ତାନ ବ୍ୟତୀତ ଆଉ କେହି ବି ମୋର ଉତ୍ତରାଧିକାରୀ ନାହାନ୍ତି । ମୋର କହିବା ହେତୁ ଆପଣ ସ.ଅ କହିଲେ, ହେ ସାଆଦ୍ ! ତୁମେ ନିଜ ସମ୍ପତ୍ତିର ତୃତୀୟାଂଶ ଦାନ କରିଦିଅ । ପୁନଶ୍ଚ ଆଁହଜରତ ସ.ଅ କହିଲେ, ତୁମର ନିଜର ଉତ୍ତରାଧିକାରୀମାନଙ୍କୁ ନିରୋଗ ଓ ସ୍ୱାସ୍ଥ୍ୟବାନ ଛାଡ଼ିବା ସେମାନଙ୍କୁ ଦରିଦ୍ରାବସ୍ଥାରେ ଛାଡ଼ିବା ଅପେକ୍ଷା ଅଧିକ ଶ୍ରେୟସ୍କର । କାରଣ ସେମାନେ ଲୋକମାନଙ୍କ ଆଗରେ ଯେପରି ହାତ ନପାତନ୍ତୁ ଏବଂ ତୁମେ ପ୍ରଭୁଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ଯାହାକିଛି ବି ଧନ ଖର୍ଚ୍ଚ କରିବ ତେବେ ତୁମେ ତାହାର ପ୍ରତିଫଳ ଓ ପୁଣ୍ୟ ଅବଶ୍ୟ ପ୍ରାପ୍ତ କରିବ । ଏପର୍ଯ୍ୟନ୍ତକି ତୁମେ ନିଜ ପତ୍ନୀକୁ ମୁଠାଏ ଅନ୍ନ ଖୁଆଅ ତେବେ ତାହାର ପ୍ରତିଫଳ ମଧ୍ୟ ଅଲ୍ଲାଃତାଲା ତୁମକୁ ଅବଶ୍ୟ ପ୍ରଦାନ କରିବେ । ହ. ସାଆଦ୍ ବିନ୍ ଖୌଲା ମକ୍କାରେ ହିଁ ମୃତ୍ୟୁବରଣ କରିଥିଲେ ।

ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହ. ଅବୁ ଲହୈସମ୍ ବିନ୍ ଅତ୍‌ତହିୟାନ୍ ର.ଅ । ସେ ଆଁହରତ ସ.ଅଙ୍କୁ କହିଲେ, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ମୁଁ ହେଉଛି ସର୍ବପ୍ରଥମ ବୈଅତ୍‌କାରୀ ବ୍ୟକ୍ତି । ତେଣୁ ମୁଁ ଜାଣି ନାହିଁ ଯେ, କିପରି ମୁଁ ବୈଅତ୍ କରିବି ? ଆପଣ ସ.ଅ କହିଲେ, ତୁମେ ମୋ ହସ୍ତ ଉପରେ ଏହି କଥା ପୁନରାବୃତ୍ତି କରି ବୈଅତ୍ କର ଯେପରି ବନି ଇସ୍ରାଇଲ୍‌ର ଲୋକମାନେ ହ. ମୁସା ଅ.ସଙ୍କ ହସ୍ତରେ ବୈଅତ୍ କରିଥିଲେ । ଅବୁ ଲହୈସମ୍ ର.ଅ ଯୁଦ୍ଧରେ ଦୁଇଟି ଖଡ୍‌ଗ ଓହଳାଇ ବୁଲୁଥିଲେ । ତେଣୁ ତାଙ୍କୁ ଜୁସ୍‌ସୈଫୈନ୍ ମଧ୍ୟ କୁହାଯାଉଥିଲା । ସେ ସଫିନ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ ।

ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି, ହ. ଆସିମ୍ ବିନ୍ ସାବିତ୍ ର.ଅ । ଇମାମ୍ ଜାହିରି ଉଲ୍ଲେଖ କରିଛନ୍ତି ଯେ, ୱହୋଦ୍ ଯୁଦ୍ଧରେ ଯେଉଁ ଲୋକମାନେ ରସୁଲୁଲ୍ଲାଃ ସ.ଅଙ୍କ ନିକଟରେ ଥିଲେ ତନ୍ମଧ୍ୟରେ ହ. ଆସିମ୍ ବିନ୍ ସାବିତ୍ ର.ଅ ଅନ୍ୟତମ ଅଟନ୍ତି ।

ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହ. ସହଲ୍ ବିନ୍ ହୁନୈଫ୍ ଅନ୍‌ସାରୀ ର.ଅ । ୱହୋଦ୍ ଯୁଦ୍ଧରେ ସେ ମଧ୍ୟ ଆଁହଜରତ ସ.ଅଙ୍କ ପାଖରେ ବିଦ୍ୟମାନ ରହିଥିବାର ଉଲ୍ଲେଖ ରହିଛି । ହ. ଉମୈର୍ ବିନ୍ ସାଆଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ଅଲୀ ର.ଅ ତାଙ୍କର ନମାଜ୍ ଯନାଜାଃରେ ୫ଟି ତକ୍‌ବିର୍ ପଢିଥିଲେ । ଫଳତଃ ଲୋକମାନେ ଆଶ୍ଚର୍ଯ୍ୟ ଭାବ ପ୍ରକାଶ କଲେ । ସୁତରାଂ ହ. ଅଲୀ ର.ଅ କହିଲେ, ଏ ହେଉଛନ୍ତି ସହଲ୍ ବିନ୍ ହୁନୈଫ୍ ର.ଅ ଯେକି ବଦର୍‌ବାସୀଙ୍କ ମଧ୍ୟରୁ ଅନ୍ୟତମ

ଅଟନ୍ତି ଏବଂ ବଦର୍‌ବାସୀଙ୍କୁ ଅଣବଦର୍‌ବାସୀଙ୍କ ଉପରେ ଶ୍ରେଷ୍ଠତ୍ୱ ପ୍ରାପ୍ତ ହୋଇଅଛି । ତେଣୁ ମୁଁ ଏହା ଇଚ୍ଛା ପ୍ରକାଶ କଲି ଯେ, ମୁଁ ତୁମମାନଙ୍କୁ ତାଙ୍କର ମାହାତ୍ମ୍ୟ ସଂପର୍କରେ ସ୍ୱଷ୍ଟ କରିଦିଏ ।

ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହ. ଜବ୍‌ବାର୍ ବିନ୍ ସଖର୍ ର.ଅ । ରସୁଲୁଲ୍ଲାଃ ସ.ଅ ହ. ଅଲୀ ର.ଅଙ୍କୁ ୧୫୦ ସାହାବାମାନଙ୍କ ସମେତ ବନୁ ତୈ ସଂପ୍ରଦାୟର ଫୁଲସ୍ ପ୍ରତିମାକୁ ଭାଙ୍ଗିବା ନିମନ୍ତେ ପ୍ରେରଣ କଲେ । ଆପଣ ର.ଅ ହ. ଅଲୀ ର.ଅଙ୍କୁ କଳା ରଙ୍ଗର ଧ୍ୱଜା ଓ ଧବଳ ବର୍ଣ୍ଣର ଛୋଟିଆ ଧ୍ୱଜା ପ୍ରଦାନ କରିଥିଲେ । ହ. ଅଲୀ ର.ଅ ପ୍ରାତଃ ସମୟରେ ଆଲେ ହାତିମ୍ ସଂପ୍ରଦାୟ ଉପରେ ଆକ୍ରମଣ କଲେ ଏବଂ ସେମାନଙ୍କର ଫୁଲସ୍ ନାମକ ପ୍ରତିମାକୁ ଭାଙ୍ଗି ଚୁରମାର କରିଦେଲେ । ଉକ୍ତ ସରିୟାରେ ମୁସଲମାନମାନଙ୍କର ଧ୍ୱଜା ହ. ଜବ୍‌ବାର ବିନ୍ ଖିଜର୍ ର.ଅଙ୍କ ନିକଟରେ ରହିଥିଲେ ।

ହୁଜୁର ଅନୱର୍ ଅ.ବ କହିଲେ, ସାହାବାମାନଙ୍କର ଯେଉଁ ଚର୍ଚ୍ଚା ଚାଲିଥିଲା ଆଜି ତାହା ସମାପ୍ତ ହେଲା । ତତ୍‌ସହିତ ପ୍ରଥମତଃ ମୁଁ ପାକିସ୍ତାନ୍‌ର ଅହେମଦିମାନଙ୍କ ନିମନ୍ତେ ବିଶେଷ ରୂପେ ଦୁଆ କରିବା ପାଇଁ ଆହ୍ୱାନ ଜଣାଉଛି । ଆପଣମାନେ ଦୁଆ କରନ୍ତୁ କି ଅଲ୍ଲାଃତାଲା ସେମାନଙ୍କର ଯେଉଁ ସମସ୍ୟା ରହିଛି ଏବଂ ଯେଉଁ ବିଷମ ପରିସ୍ଥିତି ରହିଛି ସେଠାରେ ସହଜତା ସୃଷ୍ଟି କରି ଦିଅନ୍ତୁ ଏବଂ ନ୍ୟାୟକାରୀଙ୍କୁ, ଆଇନ୍ ପ୍ରଣୟନକାରୀଙ୍କୁ, ପ୍ରଭୁ ତଥା ତାହାଙ୍କ ବାର୍ତ୍ତାବହ ନାମରେ ଯେଉଁ ଅନ୍ୟାୟୀ ବ୍ୟକ୍ତି ସାଧାରଣ ଜନତାଙ୍କ ଉପରେ ଅତ୍ୟାଚାର କରୁଛନ୍ତି ଅଲ୍ଲାଃତାଲା ସେମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଅବା ସେମାନଙ୍କୁ ଉଚିତ୍ ଶାସ୍ତି ଦିଅନ୍ତୁ । ଦ୍ୱିତୀୟତଃ ବୁର୍କିନାଫାସୋର ଅହେମଦିମାନଙ୍କ ପାଇଁ ମଧ୍ୟ ଦୁଆ କରିବାକୁ ଆହ୍ୱାନ ଜଣାଉଛି । ଆପଣମାନେ ଦୁଆ କରନ୍ତୁ ଯେ, ସେଠାକାର ବର୍ତ୍ତମାନ ଯେଉଁ ବିଷମ ତଥା ଉତ୍କଟ ପରିସ୍ଥିତି ରହିଛି ଏବଂ ଯେଉଁ ଆତଙ୍କବାଦୀମାନେ ରହିଛନ୍ତି ସେମାନେ ଦୁର୍ବଳ ଓ ସରଳ ଅହେମଦିମାନଙ୍କ ପ୍ରତି ନିର୍ଦୟତାମୂଳକ ଓ କଠୋରତାମୂଳକ ଆଚରଣ ପ୍ରଦର୍ଶନ କରୁଛନ୍ତି । ସେମାନେ ପ୍ରଭୁ ଓ ତାହାଙ୍କ ବର୍ତ୍ତାବହଙ୍କ ନାମରେ ନିରୀହ ଲୋକମାନଙ୍କ ଉପରେ ଅତ୍ୟାଚାର କରୁଛନ୍ତି । ପୁନଶ୍ଚ ଉପଦ୍ୱୀପରେ ବାସ କରୁଥିବା ଅହେମଦିମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ ସେଠାରେ ମଧ୍ୟ ସରକାରୀ ସ୍ତରରେ ପ୍ରଶାସନିକ ଅଧିକାରୀମାନେ ଅବା ଯେଉଁ ନ୍ୟାୟାଳୟମାନ ରହିଛି ସେମାନେ ଅହେମଦିମାନଙ୍କ ଉପରେ ଅକଥନୀୟ ଅନ୍ୟାୟ ଓ ଅତ୍ୟାଚାର ଜାରି ରଖିଛନ୍ତି । ଅଲ୍ଲାଃତାଲା ସମସ୍ତଙ୍କୁ ନିଜର ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । ତେଣୁ ଆପଣମାନେ ବିଶେଷ କରି ଦୁଆ କରିବା ପ୍ରତି ଏବଂ ଦାନ ଦକ୍ଷିଣା ଦେବା ପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦିଙ୍କୁ ବିରୋଧୀ ଶତ୍ରୁର ପ୍ରତ୍ୟେକ ଉପଦ୍ରବ କ୍ଷୟକ୍ଷତିରୁ ସୁରକ୍ଷିତ ରଖନ୍ତୁ ।

ଖୁତ୍‌ବାର ଶେଷରେ ହୁଜୁର ଅନୱର୍ ଅ.ବ ପାକିସ୍ତାନରେ ଘଟିଥିବା ଅଘଟଣର ଚର୍ଚ୍ଚା କରି କହିଲେ ଅହେମଦିୟା ଜମାଅତ୍‌ର ଶତ୍ରୁମାନେ ଗତ ୧୯ ତାରିଖ ଦିନ ଅତର୍କିତ ଆଖିବୁଜା ଗୁଳି ଚଳାଇ ଅନେକ ନିରୀହ ଅହେମଦିମାନଙ୍କୁ ଶହୀଦ୍ କରିଦେଇଛନ୍ତି । ସେହି ବୀରଗତି ପ୍ରାପ୍ତକାରୀଙ୍କ ମଧ୍ୟରେ ବଶାରତ୍ ଅହେମଦି ସାହେବଙ୍କ ସୁପୁତ୍ର ସମ୍ମାନନୀୟ ସ୍ୱର୍ଗତ ରଶିଦ୍ ଅହେମଦ ସାହେବ ମଧ୍ୟ ଥିଲେ । ହୁଜୁର ଅନୱର୍ ଅ.ବ ସ୍ୱର୍ଗତଙ୍କର ପ୍ରଶଂସନୀୟ ଗୁଣାବଳୀର ଚର୍ଚ୍ଚା କଲେ । ସେହିପରି ଚଳିତ ମାସ ଫେବୃୟାରୀ ୬ ତାରିଖ ଦିନ ତୁର୍କୀରେ ଆସିଥିବା ଭୂମିକମ୍ପରେ ପ୍ରାଣ ହରାଇଥିବା ଜନୈକା ମାତା ସମ୍ମାନନୀୟା ସ୍ୱର୍ଗତା ଉମ୍ମାନୀ ବିସାମ୍ ଇଜ୍‌ଲାୱୀ ସାହେବା ଓ ତାଙ୍କର ସୁପୁତ୍ର ସ୍ୱର୍ଗତ ସଲାହ୍ ଅବ୍‌ଦୁଲ୍ ମୁଇନ୍ କୁତୈଶ୍‌ଙ୍କ ବ୍ୟତୀତ ସମ୍ମାନନୀୟ ସ୍ୱର୍ଗତ ମକ୍‌ସୁଦ୍ ଅହେମଦ ମୁନିବ ସାହେବ ମୁବଲ୍ଲିଗ୍ ସିଲ୍‌ସିଲାଙ୍କର ପ୍ରଶଂସନୀୟ ଗୁଣାବଳୀର ଚର୍ଚ୍ଚା କଲେ ଏବଂ ସେମାନଙ୍କର ନମାଜ ଯନାଜାଃ ଗାଏବ ପଢାଇବାର ଘୋଷଣା ମଧ୍ୟ କଲେ । ଅଲ୍ଲାଃତାଲା ସମସ୍ତ ଶୋହଦା ଏବଂ ମୃତକ, ମୃତକାମାନଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠ ପୁରରେ ସେମାନଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ଓ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଈଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଈଁ ୟୁଜ୍‌ଲିଲହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକ୍‌ରୁଲ୍ଲାହି ଅକ୍‌ବର୍ ।**

....................................

KHULASA KHUTBA JUMA HUZOOR ANWAR a.b.a

24th Feb. 2023